## ଗ୍ରାମୀଣ କୃଷି ମୌଷମ ସେବା
## ଭାରତୀୟ ପାଣିପାଗ ବିଭାଗ
### ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
### ମହିଷାପାଟ,ଢେଙ୍କାନାଳ – ୭୫୯୦୧୩
### ସପ୍ତାହ ସଂଖ୍ୟା -୦୨

Deepanjali Dugal,
Jr. Agrometeorologist

ବୁଲେଟିନ ନମ୍ବର :୦୪
ତାରିଖ : ୧୨.୦୧.୨୦୨୪
(ଶୁକ୍ରବାର)

## ଢେଙ୍କାନାଳ ଜିଲ୍ଲା

**ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୦୬.୦୧.୨୦୨୪ ରୁ ୧୨.୦୧.୨୦୨୪)**

| | |
|---|---|
| ବୃଷ୍ଟିପାତ (ମି.ମି.) | ୦.୦ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୨୮.୯-୩୦.୦ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୧୩.୮-୧୯.୧ |

**ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୧୭ ତାରିଖ ପର୍ଯ୍ୟନ୍ତ ପାଣିପାଗ ସୂଚନା**

| ତାରିଖ | ବୃଷ୍ଟିପାତ (ମି.ମି.) | ତାପମାତ୍ରା (ଡି.ସେ.) | | ସର୍ବମୋଟ ମେଘାଚ୍ଛାନ୍ନତା (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା (%) | | ପବନର ବେଗ (କି.ମି./ଘ.) | ପବନର ଦିଗ |
|---|---|---|---|---|---|---|---|---|
| | | ସର୍ବାଧିକ | ସର୍ବନିମ୍ନ | | ସର୍ବାଧିକ | ସର୍ବନିମ୍ନ | | |
| 13-01-2024 | 0 | 27 | 16 | 0 | 73 | 33 | 5 | 135 |
| 14-01-2024 | 0 | 27 | 15 | 0 | 77 | 25 | 6 | 158 |
| 15-01-2024 | 0 | 27 | 15 | 0 | 85 | 26 | 5 | 144 |
| 16-01-2024 | 0 | 28 | 16 | 0 | 92 | 32 | 6 | 150 |
| 17-01-2024 | 0 | 28 | 17 | 4 | 92 | 36 | 9 | 154 |

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଢେଙ୍କାନାଳ ଜିଲ୍ଲାରେ ଆଗାମୀ ୫ଦିନ ପର୍ଯ୍ୟନ୍ତ ଶୁଖିଲା ପାଗ ଓ ଆକାଶ ପରିଷ୍କାରରୁ ଆଂଶିକ ମେଘୁଆ ରହିବାର ସମ୍ଭାବନା ରହିଛି । ଆଗାମୀ ୫ଦିନ ପର୍ଯ୍ୟନ୍ତ ପବନ ୦୫-୦୯ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ସର୍ବୋଚ୍ଚ ତାପମାତ୍ରା ୨୭°c -୨୮°c ମଧ୍ୟରେ ରହିବାର ସମ୍ଭାବନା ଥିବାବେଳେ ସର୍ବନିମ୍ନ ତାପମାତ୍ରା ୧୫°c -୧୭°c ମଧ୍ୟରେ ରହିବାର ସମ୍ଭାବନା ରହିଛି । ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୭୩ ରୁ ୯୨ ପ୍ରତିଶତ ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୨୫ ରୁ ୩୬ ପ୍ରତିଶତ ମଧ୍ୟରେ ରହିବାର ସମ୍ଭାବନା ରହିଛି ।

## କୃଷିସୂଚନା

- ୨୦ ରୁ ୨୫ ଦିନର ଧାନ ତଳିକୁ ଧାଡିକୁଧାଡି ୨୦ ସେ.ମି ଏବଂ ଗଛ କୁ ଗଛ ୧୫ସେ.ମି ବ୍ୟବଧାନ ରଖି ବୁଦା ପ୍ରତି ୨-୩ଟି ତଳି ଲଗାନ୍ତୁ।
- ଜମିରେ ଜିଙ୍କ ଅଣୁସାରର ଅଭାବ ଦେଖା ଦେଉଥିଲେ ପ୍ରତି ୩ ବର୍ଷରେ ଏକର ପ୍ରତି ୧୦ କିଲୋଗ୍ରାମ ଜିଙ୍କ ସଲଫେଟ ଅଣୁସାର ୨୧ ଶତକଡା କୁ ଶେଷ କାଦୁଅ କରିବା ସମୟରେ ପ୍ରୟୋଗ କରନ୍ତୁ ।
- ପତ୍ରପୋଡା ରୋଗ ନିୟନ୍ତ୍ରଣ ପାଇଁ ୧ଗ୍ରାମ Plantomycin କୁ ୧ଲିଟର ପାଣିରେ ମିଶାଇ ଦ୍ରବଣ ପ୍ରସ୍ତୁତ କରନ୍ତୁ ଓ ଧାନତଳି ଚେରକୁ ୩୦ ମିନିଟ ପର୍ଯ୍ୟନ୍ତ ବୁଡାଇ ରୋପଣ କରନ୍ତୁ ।
- ଘାସମରା ଔଷଧ ପ୍ରୟୋଗ କରିବା ପୂର୍ବରୁ ଧାନ ଜମିରୁ ପାଣି କାଟି ଦିଅନ୍ତୁ ଓ ଔଷଧ ପ୍ରୟୋଗ କରିବାର ୨ଦିନ ପରେ ଜଳସେଚନ କରନ୍ତୁ।

**ଡାଲୁଅ ଧାନ:**

**ସାର ପ୍ରୟୋଗ-**

ଯେଉଁ ଚାଷୀ ଭାଇ ଓ ଭଉଣୀ ମାନେ ଧାନ ତଳି ରୋଇବାକୁ ଯାଉଛନ୍ତି, ମୂଳସାର ହିସାବରେ ଶେଷ କାଦୁଅ କରିବା ସମୟରେ ଏକର ପ୍ରତି ୩୫ କିଲୋଗ୍ରାମ ଡ଼ିଏପି, ୩୦ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ଏବିଂ ୮କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରନ୍ତୁ। ବାଲିଆ ଜମି ହୋଇଥିଲେ ଏକର ପ୍ରତି ୩୫ କିଲୋଗ୍ରାମ ଡ଼ିଏପି, ୧୫ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ଏବଂ ୮କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରନ୍ତୁ ।

**ଘାସ ନିୟନ୍ତ୍ରଣ-**

ରୁଆ କିମ୍ବା କାଦୁଅ ବୁଣା ଧାନରେ ପ୍ରାକ ତୃଣକମାରି ପ୍ରୟୋଗ କରିନାହାନ୍ତି ତେବେ ମିଶ୍ରିତ ଘାସ ନିୟନ୍ତ୍ରଣ ପାଇଁ ଏକର ପ୍ରତି ୮୦ ମିଲି **Bispyribac Sodium** ନାମକ ଘାସମରା ଔଷଧ କିମ୍ବା **Ethoxysulfuron** ନାମକ ଘାସମରା ଔଷଧ, ୨୦୦ ଲିଟର ପାଣିରେ ମିଶାଇ ଘାସ ୩ ରୁ୪ ପତ୍ର ଥିବା ଅବସ୍ଥାରେ ସିଞ୍ଚନ କରନ୍ତୁ।

**ମୁଗ ଓ ବିରି :**

ବର୍ତମାନ କୁହୁଡିଆ ପାଗ ଯୋଗୁଁ, ମୁଗ ଓ ବିରି ଫସଲରେ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ଅଛି । ଏହି ରୋଗର ନିୟନ୍ତ୍ରଣ କରିବା ପାଇଁ ଏକର ପ୍ରତି **Sulphur** ୮୦**% WP @** ୮୦୦ ଗ୍ରାମ କିମ୍ବା **Hexaconazole** ୫**% E.C @** ୩୦୦ ମିଲି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ସୋରିଷ:**

ବର୍ତମାନ କୁହୁଡିଆ ଓ ଥଣ୍ଡା ପାଗ ଯୋଗୁଁ ସୋରିଷ ଫସଲରେ ଧଳା କଳଙ୍କି ରୋଗ ଲାଗିବାର ସମ୍ଭାବନା ଅଛି । ଏହାର ନିରାକରଣ

**ଚିନାବାଦାମ:**

ଚିନାବାଦାମରେ ଧବଳଭୃଙ୍ଗ ପୋକର ନିୟନ୍ତ୍ରଣ ପାଇଁ ଏକ ଲିଟର ପାଣିରେ ୬ମିଲି **Chloropyriphous** କିମ୍ବା ୧ ମିଲି **Imidacloprid** ୩୦.୫ **sc** ମିଶାଇ ଗଛ ମୂଳକୁ ଭିଜନ୍ତୁ ।

**ଆଖୁ:**

ଆଖୁଫସଲରେ ଘାସ ନିୟନ୍ତ୍ରଣ ପାଇଁ ବିହନ ଲଗାଇବାର ୩ ଦିନ ମଧ୍ୟରେ ଏକର ପ୍ରତି ୮୦୦ ଗ୍ରାମ **Atrazine** ନାମକ ଘାସମରା ଔଷଧ କିମ୍ବା ୪୦୦-୫୦୦ ଗ୍ରାମ **Metribuzin** ନାମକ ଘାସମରା ଔଷଧ**,** ୨୦୦ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। ସର୍ବଦା ଘାସମରା ଔଷଧ କୁ ସଫା ପାଣିରେ ମିଶାଇ ଫ୍ଲାଟ ଫ୍ୟାନ କିମ୍ବା ଫ୍ଲଡ ଜେଟ ନୋଜଲ ଥିବା ସ୍ପ୍ରେୟରରେ ସିଂଚନ କରନ୍ତୁ ।

**ଫୁଲକୋବି ଓ ବନ୍ଧା କୋବି:**

ଜୈବିକ ଉପାୟରେ ଧୂଆଁପତ୍ର ଗୋଟି ପୋକର ପରିଚାଳନା ପାଇଁ ଏକର ପ୍ରତି ୬ଟି ଲେଖାଏଁ ସିଂଘ ଆକର୍ଷକ ଯନ୍ତା **Spodolure** ବ୍ୟବହାର କରନ୍ତୁ। ଏହା ବଦଳରେ ଏକର ପ୍ରତି ୮ଟି ଆଲୋକ ଯନ୍ତା ବସାନ୍ତୁ । ଏକର ପ୍ରତି ୪୦୦ ଗ୍ରାମ **Bacillus Thuringiensis** କିମ୍ବା ୫୦୦ ଗ୍ରାମ **Beauveria bassiana** କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ରସାୟନିକ ଉପାୟରେ ଏହି କୀଟର ପରିଚାଳନା ପାଇଁ ଏକର ପ୍ରତି ୨୦୦ମି.ଲି **Chlorpyriphos** ଓ **Cypermethrin** ର ମିଳିତ କୀଟନାଶକ କିମ୍ବା ୩୦୦ମିଲି **Lambda Cyhalothrin,** ୨୦୦ଲିଟର ପାଣିରେ ମିଶାଇ**,** ଉପରବେଳା ସିଂଚନ କରନ୍ତୁ।

**ଆଳୁ:**

ପ୍ରାଥମିକ ଅବସ୍ଥାମର ଜଉ ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ **PPM** କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। ରାସାୟନିକ ଉପାୟରେ ଜଉ ପୋକର ପରିଚାଳନା ପାଇଁ ଏକର ପ୍ରତି ୪୦ଗ୍ରାମ **Thiamethoxam** ନାମକ କୀଟନାଶକ କିମ୍ବା ୫୦ ଗ୍ରାମ **Acetamiprid** ନାମକ କୀଟନାଶକ କିମ୍ବା ୬୦ମିଲି **Imidacloprid** ନାମକ କୀଟନାଶକ**,** ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ।

**ଟମାଟୋ:**

ଟମାଟୋ ଫସଲରେ ସଅଳ ପତ୍ର ପୋଡା ଏବଂ ଉଛୁର ପତ୍ର ପୋଡା ରୋଗର ପରିଚାଳନା ପାଇଁ ଏକର ପ୍ରତି ୬୦୦ ଗ୍ରାମ **Mancozeb** ନାମକ ଫିମ୍ପିନାଶକ କିମ୍ବା ୫୦୦ ଗ୍ରାମ **Zineb** ନାମକ ଫିମ୍ପିନାଶକ**,** ୨୦୦ ଲିଟର ପାଣିରେ ମିଶାଇ ୭ଦିନ ଅନ୍ତରରେ ୨ ରୁ ୩ ଥର ସିଂଚନ କରନ୍ତୁ।

**ବାଇଗଣ:**

ବାଇଗଣ ଫସଲରେ ଧଳା ମାଛିକୁ ଆକୃଷ୍ଟ କରିବା ପାଇଁ ଏକର ପ୍ରତି ୮ ରୁ ୧୦ ଟି ହଳଦିଆ ଅଠା ଯନ୍ତା ବ୍ୟବହାର କରନ୍ତୁ । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ **PPM Azadirachtin** କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ରାସାୟନିକ ଉପାୟରେ ଫସଲରେ ଧଳାମାଛିର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ **Thiamethoxam** ନାମକ କୀଟନାଶକ କିମ୍ବା ୨୦୦ ମିଲି **Pyriproxifen** ନାମକ କୀଟନାଶକ କିମ୍ବା ୨୫୦ ମିଲି **Spiromesifen** ନାମକ କୀଟନାଶକ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**ପିଆଜ**:

ପିଆଜ ତଳିଗୁଡିକ ୧୨ ରୁ୧୫ ସେ.ମି. ଉଚ୍ଚା କିମ୍ବା ୮ ସପ୍ତାହର ହୋଇଗଲେ ମୁଖ୍ୟ ଜମିରେ ଲଗାନ୍ତୁ । ପିଆଜ ତଳି ରୋଇବା ପୂର୍ବରୁ ଏକର ପ୍ରତି ୧୦ ଟନ ଶଢା ଗୋବର ଖତ ବା କମ୍ପୋଷ୍ଟ**,** ୫୨ କିଲୋଗ୍ରାମ ଡିଏପି**,** ୨୦ କିଲୋଗ୍ରାମ ୟୁରିଆ **,** ୩୦ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ଏବଂ ୨୦ କିଲୋଗ୍ରାମ ସଲଫର ପ୍ରୟୋଗ କରି ମାଟିରେ ଭଲ ଭାବରେ ମିଶାଇ ଦିଅନ୍ତୁ । ଧାଡି କୁ ଧାଡି ୧୫ ସେ.ମି. ଏବଂ ଗଛ କୁ ଗଛ ୧୦ ସେ.ମି. ବ୍ୟବଧାନ ରଖି ଉପର ବେଳା ତଳି ରୋପଣ କରନ୍ତୁ ।

**ଆମ୍ବ:**

ଆମ୍ବ ଡାହାଣୀ ପୋକର ପ୍ରତିକାର କରିବା ପାଇଁ ଏକର ପ୍ରତି ୬୦ ମିଲି **Imidacloprid** କିମ୍ବା ୨୦୦ ଗ୍ରାମ **Carbendazim** କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ସହଯୋଗୀ ଗବେଷଣା ନିର୍ଦ୍ଦେଶକଙ୍କ ଦ୍ଵାରା ସ୍ଵୀକୃତ**

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା,**QPM**,ଟିସୁ କଲଚର ଗଛ,ଫଳ ଓ ପନିପରିବା,ଯାଅଁଳ,କୁକୁଡା ଚିଆଁ,ଛତୁ,ଛତୁ ମଞ୍ଜି,ଜୈବିକ ସାର,ଜୈବିକ କୀଟନାଶକ,ଜିଆ ଖତ,କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ **MEGHDOOT** ମୋବାଇଲ ଆପ ବ୍ୟବହାର କରନ୍ତୁ ।

**(Android: https://play.google.com/store/apps/details?id=com.aas.meghdoot)**

**(iOS: https://apps.apple.com/in/app/meghdoot/id1474048155)**